# ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀ ନବୀନ ପଟ୍ଟନାୟକ



ସ୍ୱର୍ଗତଃ ବିଜୁ ପଟ୍ଟନାୟକ ଓ ଶ୍ରୀମତୀ ଜ୍ଞାନ ପଟ୍ଟନାୟକଙ୍କର ପୁତ୍ର ନବୀନ ପଟ୍ଟନାୟକ ୧୯୪୬ ମସିହା ଅକ୍ଟୋବର ୧୬ ତାରିଖରେ ଓଡ଼ିଶାର କଟକଠାରେ ଜନ୍ମଗ୍ରହଣ କରି ଡେରାଡୁନ୍‌ସ୍ଥିତ ଡୁନ୍ ସ୍କୁଲ୍‌ରେ ଶିକ୍ଷାଲାଭ କରିଥିଲେ । ୧୯୬୭ ମସିହାରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଉପାଧି ହାସଲ କଲେ । ଅବିବାହିତ ଶ୍ରୀଯୁକ୍ତ ପଟ୍ଟନାୟକ ଅନେକଗୁଡ଼ିଏ ପୁସ୍ତକ ରଚନା କରିଛନ୍ତି, ଯାହାକି ଭାରତ ସମେତ ବିଦେଶରେ ମଧ୍ୟ ଆଦୃତି ଲାଭ କରିଛି । ଏଥିପୂର୍ବରୁ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ହସ୍ତତନ୍ତ ବୁଣାକାରମାନଙ୍କ ସହ ଭାରତୀୟ ବୟନର ଘରୋଇ ବଜାରକୁ ପ୍ରସାରିତ କରିବା ନିମନ୍ତେ କାର୍ଯ୍ୟ କରିବା ସମୟରେ ଭାରତୀୟ ଡିଜାଇନ୍‌କୁ ଆନ୍ତର୍ଜାତିକ ମାନ୍ୟତା ଦେବାରେ ଅଗ୍ରଗାମୀ ଥିଲେ । ଇନ୍‌ଟାକ୍ (ଭାରତୀୟ ଜାତୀୟ କଳା ଏବଂ ସାଂସ୍କୃତିକ ଟ୍ରଷ୍ଟ)ର ଜଣେ ପ୍ରତିଷ୍ଠାତା ସଦସ୍ୟ ଭାବରେ ଭାରତର ସାଂସ୍କୃତିକ ବୈଭବର ସଂରକ୍ଷଣ ନିମନ୍ତେ ସେ ଅଗ୍ରଣୀ ଭୂମିକା ତୁଲାଇଥିଲେ ।

ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ପୁସ୍ତକଗୁଡ଼ିକ ଭାରତର ସାଂସ୍କୃତିକ ଇତିହାସ ଏବଂ ପରମ୍ପରା ଉପରେ ଥିବା ତାଙ୍କର ଅତ୍ୟନ୍ତ ଆଗ୍ରହକୁ ପ୍ରତିଫଳିତ କରିଥାଏ । ତାଙ୍କର ସୃଷ୍ଟି ସମ୍ଭାର ମଧ୍ୟରେ ଭାରତର ସଂସ୍କୃତି ସହ ଜଡ଼ିତ 'ଏ ସେକେଣ୍ଡ ପାରାଡାଇଜ୍', ଭାରତୀୟ ଇତିହାସ ସମ୍ପର୍କିତ 'ଏ ଡେଜର୍ଟ କିଙ୍ଗଡମ୍' ଏବଂ ଭାରତର ପରିବେଶ ଏବଂ ପରମ୍ପରା ସଂକ୍ରାନ୍ତୀୟ ଜ୍ଞାନଭିତ୍ତିକ 'ଦ ଗାର୍ଡନ୍ ଅଫ୍ ଲାଇଫ୍' ପୁସ୍ତକଗୁଡ଼ିକ ଉଲ୍ଲେଖନୀୟ । କେବଳ ଭାରତରେ ନୁହେଁ, ଏହି ପୁସ୍ତକ ତିନୋଟି ଯୁକ୍ତରାଷ୍ଟ୍ର ଆମେରିକା ତଥା ବ୍ରିଟେନ୍‌ରେ ମଧ୍ୟ ପାଠକ ମହଲରେ ଉଚ୍ଚପ୍ରଶଂସିତ ହୋଇପାରିଛି ।

ପିତା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ବାଧ୍ୟବାଧକତାରେ ରାଜନୀତିରେ ପ୍ରବେଶ କରିଥିଲେ । ୧୯୯୭ ମସିହା ଜୁନ୍ ମାସରେ ଓଡ଼ିଶାର ଆସିକା ନିର୍ବାଚନ ମଣ୍ଡଳୀ ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ସେ ଏକାଦଶ ଲୋକସଭାକୁ ସାଂସଦଭାବେ ନିର୍ବାଚିତ ହେଲେ । ଆସିକା ଏବଂ ସଂଲଗ୍ନ ନିର୍ବାଚନ ମଣ୍ଡଳୀମାନଙ୍କରେ ଉତ୍କଟ ଜଳାଭାବ ଯୋଗୁଁ ସୃଷ୍ଟି ହେଉଥିବା ମରୁଡ଼ି ଅବସ୍ଥା ଏବଂ ପଶ୍ଚିମ ଓଡ଼ିଶାରେ ଅନାହାରଜନିତ ମୃତ୍ୟୁ ଉପରେ ମାନବାଧିକାର ରିପୋର୍ଟ ଲୋକସଭାରେ ଉପସ୍ଥାପନ କରି ସେ ସମଗ୍ର ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ସେ ମଧ୍ୟ ତାଙ୍କର ନିର୍ବାଚନ ମଣ୍ଡଳୀକୁ ବାରମ୍ବାର ଗସ୍ତକରି ଜନତାଙ୍କ ନିବିଡ଼ ସମ୍ପର୍କରେ ଆସିଥିଲେ । ଫଳତଃ ଉତ୍କଟ ଜଳାଭାବ ସମସ୍ୟା ଦୂର କରିବା ନିମନ୍ତେ ଜରୁରୀଭିତ୍ତିରେ ଗ୍ରାମଗୁଡ଼ିକରେ ଥିବା ପୁରାତନ କୂପମାନଙ୍କୁ ପୁନଃ କାର୍ଯ୍ୟକ୍ଷମ କରାଇବା, ନୂତନ ନଳକୂପ ବସାଇବା , ଭ୍ରାମ୍ୟମାଣ ମେଡ଼ିକାଲ୍ ଭ୍ୟାନ୍, ଆମ୍ବୁଲାନ୍ସ ବ୍ୟବସ୍ଥା ସହ ଗ୍ରାମଗୁଡ଼ିକରେ ଚିକିତ୍ସା କେନ୍ଦ୍ର ସ୍ଥାପନ କରିବାରେ ସେ ସମର୍ଥ ହୋଇପାରିଥିଲେ ।

ଏକାଦଶ ଲୋକସଭାର ସଦସ୍ୟ ଭାବେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରଣାଳୟର ପରାମର୍ଶଦାତା କମିଟି, ବାଣିଜ୍ୟ ସମ୍ପର୍କିତ ସ୍ଥାୟୀ କମିଟି ଏବଂ ସଂସଦୀୟ ପାଠାଗାର କମିଟିରେ କାର୍ଯ୍ୟ କରିଆସିଛନ୍ତି ।

ଲୋକମାନଙ୍କର ସମସ୍ୟାକୁ ଉତ୍ସର୍ଗୀକୃତ ଭାବେ ସମାଧାନ କରି ଶ୍ରୀଯୁକ୍ତ ପଟ୍ଟନାୟକ ଓଡ଼ିଶା ବିକାଶର କର୍ଣ୍ଣଧାର ସାଜିଥିବା ତାଙ୍କ ପିତାଙ୍କର ସୁଯୋଗ୍ୟ ସନ୍ତାନ ହେବାର ଯଶ ଅର୍ଜନ କରିପାରିଛନ୍ତି । ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର ଏତାଦୃଶ ଜନହିତକର କାର୍ଯ୍ୟକ୍ରମର ଫଳଶ୍ରୁତିସ୍ୱରୂପ ୧୯୯୭ ମସିହା ଡିସେମ୍ବର ମାସରେ ଓଡ଼ିଶାରେ ତାଙ୍କରି ନେତୃତ୍ୱରେ ଏକ ନୂତନ ଆଞ୍ଚଳିକ ରାଜନୈତିକ ସତ୍ତା– 'ବିଜୁ ଜନତା ଦଳ' ପ୍ରତିଷ୍ଠା ହୋଇପାରିଥିଲା । ଏହା ଗଠନ ହେବାର ମାତ୍ର ଆଠ ସପ୍ତାହ ମଧ୍ୟରେ ଦ୍ୱାଦଶ ଲୋକସଭାକୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୨ଜଣ ଦଳୀୟ ପ୍ରାର୍ଥୀଙ୍କ ମଧ୍ୟରୁ ୯ଜଣଙ୍କୁ ନିର୍ବାଚିତ କରାଇ ଏହି ଦଳ ଅପୂର୍ବ ବିଜୟ ଲାଭ କରିପାରିଥିଲା ।

ଦ୍ୱାଦଶ ଲୋକସଭାରେ ସାଂସଦଭାବେ ଆସିକା ନିର୍ବାଚନ ମଣ୍ଡଳୀର ପ୍ରତିନିଧିତ୍ୱ କରି ଶ୍ରୀଯୁକ୍ତ ପଟ୍ଟନାୟକ ଇସ୍ପାତ ଓ ଖଣି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ପଦରେ ଅଧିଷ୍ଠିତ ଥିଲେ । ତ୍ରୟୋଦଶ ଲୋକସଭାକୁ ମଧ୍ୟ ସାଂସଦ ଭାବେ ପୁନଃ ନିର୍ବାଚିତ ହୋଇ ସେ କେନ୍ଦ୍ର ଖଣି ଓ ଖଣିଜ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଥିଲେ ।

୨୦୦୦ ମସିହା ଓଡ଼ିଶା ବିଧାନ ସଭାକୁ ହିଞ୍ଜିଳି ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇ ଶ୍ରୀ ପଟ୍ଟନାୟକ ବିଜେଡି–ବିଜେପି ମେଣ୍ଟର ସର୍ବସମ୍ମତ ନେତାଭାବେ ମନୋନୀତ ହୋଇ ମାର୍ଚ୍ଚମାସ ୫ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହିସାବରେ ଶପଥ ଗ୍ରହଣ କରିଥିଲେ । ୨୦୦୪ ମସିହା ମେ ମାସ ୧୬ ତାରିଖରେ ଦ୍ୱିତୀୟଥର ପାଇଁ ଏବଂ ୨୦୦୯ ମସିହାରେ ପୁନର୍ବାର ତୃତୀୟଥର ପାଇଁ ଶ୍ରୀଯୁକ୍ତ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀପଦ ଅଳଙ୍କୃତ କରିଥିଲେ ।

୨୦୧୪ ମସିହା ବିଧାନସଭା ନିର୍ବାଚନରେ ମୋଟ ୧୪୭ଟି ଆସନ ମଧ୍ୟରୁ ୧୧୭ ଆସନରେ ବିପୁଳଭାବେ ବିଜୟୀ ହୋଇ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କ୍ରମାଗତଭାବେ ୪ର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

❖ ❖ ❖